# NATIONAL NEWS BULLETIN (ODIA)

**12 August - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ବିରୋଧୀ ସଦସ୍ୟଙ୍କ ହଟ୍ଟଗୋଳ ଯୋଗୁଁ ସଂସଦର ଉଭୟ ସଦନ ଅପରାହ୍ନ ୨ଟା ପର୍ଯ୍ୟନ୍ତ ମୁଲତବୀ

–ଛାତ୍ରଙ୍କ ସମସ୍ୟା ସହିତ ଜଡ଼ିତ ଯେକୌଣସି ପ୍ରସଙ୍ଗରେ ଆଲୋଚନା କରିବାକୁ ସରକାର ପ୍ରସ୍ତୁତ ଅଛନ୍ତି, କହିଲେ ସ୍ୱରାଷ୍ଟ୍ରମନ୍ତ୍ରୀ

- ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଆତ୍ମଜୀବନୀ ପୁସ୍ତକକୁ ଉନ୍ମୋଚନ କଲେ ପ୍ରଧାନମନ୍ତ୍ରୀ

- ହାତୀଙ୍କ ସୁରକ୍ଷା ଓ ସଂରକ୍ଷଣ ବାର୍ତ୍ତା ନେଇ ଆଜି ପାଳନ କରାଯାଉଛି ବିଶ୍ୱ ହାତୀ ଦିବସ

–ଭାରତର ପରିବେଶଗତ ଐତିହ୍ୟରେ ହାତୀ ଏକ ଅବିଚ୍ଛେଦ୍ୟ ଅଂଶ, କହିଲେ ପ୍ରଧାନମନ୍ତ୍ରୀ

ଏବଂ

- ସିନ୍‌କ୍ୱେଫିଲ୍ଡ କପ୍‌ର ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହେଲେ ଭାରତୀୟ ଗ୍ରାଣ୍ଡମାଷ୍ଟର ଆର୍. ପ୍ରଜ୍ଞାନାନନ୍ଦ

---

**ଆର୍‌ଏସ୍‌-ଆଡଜର୍ଣ୍ଣ**

ନିଟ୍ ପ୍ରସଙ୍ଗରେ ଛାତ୍ର ଆନ୍ଦୋଳନ ବେଳେ ପୋଲିସ୍‌ର କାର୍ଯ୍ୟାନୁଷ୍ଠାନ ଅଭିଯୋଗ ସମେତ ବିଭିନ୍ନ ବିଷୟକୁ ନେଇ ବିରୋଧୀଙ୍କ ହଟ୍ଟଗୋଳ ପରେ ରାଜ୍ୟସଭାକୁ ଆଜି ଅପରାହ୍ନ ୨ଟା ପର୍ଯ୍ୟନ୍ତ ମୁଲତବୀ ରଖାଯାଇଛି । ପୂର୍ବାହ୍ନ ୧୧ଟାରେ ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ ମନ୍ତ୍ରୀମାନେ ନିଜ ମନ୍ତ୍ରଣାଳୟ ସମ୍ବନ୍ଧୀୟ କାର୍ଯ୍ୟାନ୍ୱୟନ ତଥ୍ୟ ଉପସ୍ଥାପନ କରିଥିଲେ । ପ୍ରତିରକ୍ଷା, ଅର୍ଥ, ପରିବହନ, ପର୍ଯ୍ୟଟନ ଓ ସଂସ୍କୃତି, କୃଷି, ପଶୁପାଳନ ଓ ଖାଦ୍ୟ ପ୍ରକ୍ରିୟାକରଣ, କୋଇଲା, ଖଣି ଓ ଇସ୍ପାତ, ସଂପର୍କିତ ସଂସଦୀୟ  ସ୍ଥାୟୀ କମିଟିର ରିପୋର୍ଟ ମଧ୍ୟ ଉପସ୍ଥାପନ କରାଯାଇଥିଲା ।

ବିରୋଧୀଙ୍କ ହଟ୍ଟଗୋଳ ମଧ୍ୟରେ  ଅଧ୍ୟକ୍ଷ ସି.ପି. ରାଧାକ୍ରିଷ୍ଣନ ଶୂନ୍ୟକାଳ ଆରମ୍ଭ କରିଥିଲେ । ଏହି ସମୟରେ ସିପିଏମ୍ ସଦସ୍ୟ ଜନ୍ ବ୍ରେଟାସ୍ ଗୃହରେ ଜଣେ ସଦସ୍ୟ ତାଙ୍କ ବିରୋଧରେ ଦେଇଥିବା ଅପମାନଜନକ ମନ୍ତବ୍ୟ ପ୍ରସଙ୍ଗ ଉଠାଇଥିଲେ । ଏହି ପ୍ରସଙ୍ଗରେ ଅଧ୍ୟକ୍ଷ ସି.ପି. ରାଧାକ୍ରିଷ୍ଣନ କହିଛନ୍ତି, ଗୃହରେ ଅନ୍ୟ ସଦସ୍ୟମାନଙ୍କ ଭାଷଣରେ ବାଧା ସୃଷ୍ଟି ସମୟରେ କିଛି ସଦସ୍ୟଙ୍କ ଅମର୍ଯ୍ୟାଦାପୂର୍ଣ୍ଣ ମନ୍ତବ୍ୟ ଦିଆଯାଉଥିବା ଘଟଣା ତାଙ୍କ ନଜରକୁ ଆସିଛି । ସେ ସଦସ୍ୟମାନଙ୍କୁ ସତର୍କ ରହିବାକୁ ଏବଂ ସହକର୍ମୀ ସଦସ୍ୟମାନଙ୍କ ଭାବନାକୁ ଆଘାତ ନ ଦେବାକୁ ପରାମର୍ଶ ଦେଇଛନ୍ତି । ତେବେ ଗୃହରେ ହଟ୍ଟଗୋଳ ଜାରି ରହିବାରୁ ଅଧ୍ୟକ୍ଷ ଅପରାହ୍ନ ୨ଟା ପର୍ଯ୍ୟନ୍ତ ମୁଲତବୀ ରଖିଥିଲେ ।

## ଏଲ୍‌ଏସ୍-ଆଡଜର୍ଣ୍ଣ

ଅନୁରୂପ ଭାବେ ନିଟ୍ ପ୍ରସଙ୍ଗକୁ ନେଇ ଗୃହରେ ହଟ୍ଟଗୋଳ ହେବାରୁ ଲୋକସଭାକୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ମୁଲତବୀ ରଖାଯାଇଛି । ଆଜି

ଗୃହକାର୍ଯ୍ୟ ଆରମ୍ଭ ହେବା ପରେ ବିରୋଧୀ ସଦସ୍ୟମାନେ ଛାତ୍ର ଆନ୍ଦୋଳନ ସମୟରେ ପୋଲିସର କାର୍ଯ୍ୟାନୁଷ୍ଠାନ ଓ ଅଯୋଧ୍ୟା ରାମମନ୍ଦିର ଦାନରେ ଅନିୟମିତତା ପ୍ରସଙ୍ଗ ଉଠାଇଥିଲେ । କିନ୍ତୁ ବାଚସ୍ପତି ଓମ୍ ବିର୍ଲା କହିଥିଲେ ଯେ ଆଜି ଦେଶ ଅନ୍ତର୍ଜାତୀୟ ଯୁବ ଦିବସ ପାଳନ କରୁଛି । ଦେଶର ଯୁବପିଢ଼ି ଶିକ୍ଷା, ବିଜ୍ଞାନ, ମହାକାଶ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ଓ ଉଦ୍ୟୋଗୀକରଣ ସମେତ ବିଭିନ୍ନ କ୍ଷେତ୍ରରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି । ଦେଶର ଯୁବପିଢ଼ିଙ୍କ ଦକ୍ଷତା ସାରା ବିଶ୍ୱରେ ସ୍ୱୀକୃତି ଲାଭ କରୁଛି । ଯୁବପିଢ଼ି ମଧ୍ୟ ସମ୍ମୁଖୀନ ହେଉଥିବା ସମସ୍ୟା ସଂପର୍କରେ ଆଲୋଚନା ଚାହୁଁଛନ୍ତି ବୋଲି ଶ୍ରୀ ବିର୍ଲା କହିଛନ୍ତି ।

ବାଚସ୍ପତି ସମସ୍ତ ବିରୋଧୀ ଦଳର ସଦସ୍ୟମାନଙ୍କୁ ଗୃହକାର୍ଯ୍ୟ ସ୍ୱାଭାବିକ ଭାବେ ଚଳାଇବାକୁ ସହଯୋଗ କରିବା ନିମନ୍ତେ ନିବେଦନ କରିଥିଲେ । ସେ କହିଛନ୍ତି, ନୀତି ଓ ମତାମତକୁ ନେଇ ମତଭେଦ ଥାଇପାରେ, କିନ୍ତୁ ଦେଶର ଜନସାଧାରଣ ସଂସଦ ଚାଲୁ ରହିବା ଚାହାଁନ୍ତି । ଶ୍ରୀ ବିର୍ଲା କହିଛନ୍ତି, ସରକାର ବିରୋଧୀଙ୍କ ଦାବି ଗ୍ରହଣ କରିଛନ୍ତି ଏବଂ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ନିଜର ବିବୃତ୍ତି ରଖିବାକୁ ପ୍ରସ୍ତୁତ ଅଛନ୍ତି । ତେଣୁ ଶାସକ ଓ ବିରୋଧୀ ଉଭୟପକ୍ଷ ସହମତି ସୃଷ୍ଟି କରିବା ଓ ଆଲୋଚନାରେ ଭାଗ ନେବା ଉଚିତ ବୋଲି କହିଛନ୍ତି ।

ସଂସଦର ମର୍ଯ୍ୟାଦା ହାନି ନ କରିବାକୁ ଏବଂ ଗୃହରେ ଶୂନ୍ୟକାଳ ଚାଲିବାକୁ ଦେବା ପାଇଁ ବାଚସ୍ପତି ବିରୋଧୀ ସଦସ୍ୟଙ୍କୁ ନିବେଦନ କରିଥିଲେ । କିନ୍ତୁ ବିରୋଧୀ ସଦସ୍ୟମାନେ ନିଜ ଆସନରେ ଠିଆ ହୋଇ ସେମାନଙ୍କ ଦାବି ଦୋହରାଇଥିଲେ । ବିରୋଧୀ ସଦସ୍ୟଙ୍କ କ୍ରମାଗତ ହଟ୍ଟଗୋଳ ହୋଗୁଁ ବାଚସ୍ପତି ଗୃହକୁ ଅପରାହ୍ଣ ୨ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଛନ୍ତି ।

---

# ଶାହା-ପାର୍ଲାମେଣ୍ଟ

ସଂସଦରେ ଛାତ୍ରମାନଙ୍କ ସମସ୍ୟା ସହିତ ଜଡ଼ିତ ଯେକୌଣସି ପ୍ରସଙ୍ଗରେ ଆଲୋଚନା କରିବାକୁ ସରକାର ପ୍ରସ୍ତୁତ ଅଛନ୍ତି ବୋଲି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା କହିଛନ୍ତି । ସଂସଦ ବାହାରେ ଗଣମାଧ୍ୟମ ସହ କଥାବାର୍ତ୍ତା ବେଳେ ଶ୍ରୀ ଶାହା କହିଛନ୍ତି, ସରକାରଙ୍କର କିଛି ଲୁଚାଇବାର ନାହିଁ । ବିରୋଧୀ ଦଳ ଯେଉଁ ପ୍ରସଙ୍ଗରେ ଆଲୋଚନା କରିବାକୁ ଚାହୁଁଛନ୍ତି, ଅପରାହ୍ନ ୨ଟା ସୁଦ୍ଧା ବାଚସ୍ପତିଙ୍କୁ ନୋଟିସ୍ ଦେଇପାରିବେ, ଯଦ୍ୱାରା ଅପରାହ୍ନ ୩ଟାରେ ଅଲୋଚନା ଆରମ୍ଭ ହୋଇପାରିବ ବୋଲି ଶ୍ରୀ ଶାହା କହିଛନ୍ତି ।

**V/O**

ଶ୍ରୀ ଶାହା କହିଛନ୍ତି, ସରକାର ଆଲୋଚନା ନେଇ ପ୍ରସ୍ତୁତ ଥିବା ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ ପୂର୍ବରୁ ସ୍ପଷ୍ଟ କରିସାରିଛନ୍ତି । ଏହା ସତ୍ତ୍ୱେ ବିରୋଧୀ ଦଳ ଗୃହକାର୍ଯ୍ୟରେ ବାଧା ସୃଷ୍ଟି କରୁଛନ୍ତି ବୋଲି ଶ୍ରୀ ଶାହା ଅଭିଯୋଗ କରିଛନ୍ତି ।

---

# ପିଏମ୍-ବୁକ୍ ରିଲିଜ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ନୂଆଦିଲ୍ଲୀଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଆତ୍ମଜୀବନୀ ପୁସ୍ତକ 'Triumph of the Indian Republic : My life My Struggle' ଉନ୍ମୋଚନ କରିଛନ୍ତି । ଏହି ଅବସରରେ ପ୍ରଧାନମନ୍ତ୍ରୀ କହିଛନ୍ତି, ଶ୍ରୀ କୋବିନ୍ଦଙ୍କ ଜୀବନ ବିଷୟରେ ତାଙ୍କର

ବୁଝାମଣା ଓ ତାଙ୍କ ଦକ୍ଷତା ବିଷୟରେ, ତାଙ୍କର ଜ୍ଞାନ ଆଧାରରେ ସେ ନିଶ୍ଚିତ ଯେ ଏହି ଆତ୍ମଜୀବନୀ ଭାରତୀୟ ଗଣତନ୍ତ୍ର ଓ ସମାଜ ପାଇଁ ଏକ ବହୁମୂଲ୍ୟ ସମ୍ପତ୍ତି ହୋଇ ରହିବ । ଶ୍ରୀ ମୋଦୀ ଆହୁରି କହିଛନ୍ତି ଶ୍ରୀ କୋବିନ୍ଦଙ୍କ ଜୀବନଯାତ୍ରା ଓ ସମାଜ ଏବଂ ଦେଶପ୍ରତି ତାଙ୍କର ଅବଦାନ ବିଷୟରେ ବହୁତ କିଛି ବିସ୍ତୃତ ଭାବରେ କୁହାଯାଇ ପାରିବ । ସେ କହିଛନ୍ତି, ପୁସ୍ତକ ଉନ୍ମୋଚନ କେବଳ ଏକ ପ୍ରାରମ୍ଭିକ ଆଭାସ ଭାବରେ କାର୍ଯ୍ୟ କରିବା ଉଚିତ ଓ ଏହାର ସଂପୂର୍ଣ୍ଣ ଲାଭ ପାଇବା ପାଇଁ ସେ ଲୋକମାନଙ୍କୁ ଏହି ବହି ପଢ଼ିବାକୁ ଉତ୍ସାହିତ କରିଛନ୍ତି ।

ଏହି ଆତ୍ମଜୀବନୀରେ ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କର ଜୀବନଯାତ୍ରାରେ ଏକ ଗଭୀର ବ୍ୟକ୍ତିଗତ ବିବରଣୀ ପ୍ରଦାନ କରାଯାଇଛି, ଯେଉଁଥିରେ ତାଙ୍କର ପ୍ରାରମ୍ଭିକ ବର୍ଷଗୁଡ଼ିକରୁ ତାଙ୍କ ସାର୍ବଜନୀନ ଜୀବନ ଏବଂ ଭାରତ ୧୪ ତମ ରାଷ୍ଟ୍ରପତି ଭାବରେ ସେବା କରିବା ପର୍ଯ୍ୟନ୍ତ ତାଙ୍କର ଅନୁଭୂତି, ମୂଲ୍ୟବୋଧ ବିଷୟରେ ଧାରଣା ଦେଇଥାଏ ।

## ଭିପି-ହରଘର ତ୍ରିରଙ୍ଗା

ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ କହିଛନ୍ତି, ବନ୍ଦେ ମାତରମ୍‌ର ଭାବନା ଭାରତର ସ୍ୱାଧୀନତା ସଂଗ୍ରାମକୁ ଅନୁପ୍ରାଣତି କରିଥିଲା ଓ ଆଜି ମଧ୍ୟ ଦେଶର ପରିଚୟକୁ ସୁଦୃଢ଼ କରିଚାଲିଛି । ଜାତୀୟ ସଂଗୀତର ୧୫୦ ବର୍ଷ ପୂର୍ତ୍ତି ଅବସରରେ ସଂସ୍କୃତି ମନ୍ତ୍ରଣାଳୟ ଦ୍ୱାରା ଆୟାଜିତ 'ହର ଘର ତ୍ରିରଙ୍ଗା ବାଇକ୍ ର୍ୟାଲି'ର ଅଂଶ ଗ୍ରହଣକାରୀଙ୍କୁ ସମ୍ବୋଧିତ କରି ସେ ଏହା କହିଛନ୍ତି । ଉପରାଷ୍ଟ୍ରପତି ଆହୁରି କହିଛନ୍ତି, 'ବନ୍ଦେ ମାତରମ୍'ର ଶବ୍ଦଗୁଡ଼ିକ ଦେଶପ୍ରେମ ଜାଗ୍ରତ କରିଥିଲା ଏବଂ ଔପନିବେଶିକ ଶାସନ ବିରୋଧରେ ସଂଗ୍ରାମରେ ବିଭିନ୍ନ ଅଞ୍ଚଳ, ଭାଷା, ଧର୍ମ ଓ ପୃଷ୍ଠଭୂମିର

ଲୋକଙ୍କୁ ଏକତ୍ରିତ କରିଥିଲା । ସେ ବୀର୍ ସାବରକର, ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଏବଂ ତିରୁପୁରୁ କୁମାରଙ୍କ ସମେତ ସ୍ୱାଧୀନତା ସଂଗ୍ରାମୀମାନଙ୍କ ବଳିଦାନକୁ ମନେ ପକାଇ କହିଥିଲେ ଯେ, ସେମାନଙ୍କ ସାହସ ବନ୍ଦେ ମାତରମ୍‌ର ଭାବନାକୁ ଜୀବନ୍ତ ରଖିଛନ୍ତି । ସେ ଲୋକମାନଙ୍କୁ ଏହି ଅଭିଯାନରେ ସକ୍ରିୟ ଭାବେ ଭାଗ ନେବାକୁ ଓ ଏହାର ପ୍ରସାର କରିବାକୁ ନିବେଦନ କରିଛନ୍ତି ।

# ବିଶ୍ୱ ହାତୀ ଦିବସ

ହାତୀମାନଙ୍କର ସୁରକ୍ଷା ଏବଂ ସଂରକ୍ଷଣ ବାର୍ତ୍ତା ନେଇ ଆଜି ବିଶ୍ୱ ହାତୀ ଦିବସ ପାଳନ କରାଯାଉଛି । ୨୦୧୧ ମସିହାରୁ ଏହି ଦିବସ ପାଳିତ ହୋଇ ଆସୁଛି । ଆକଳନ ଅନୁଯାୟୀ ଭାରତରେ ଏସୀୟ ହାତୀଙ୍କ ସଂଖ୍ୟା ପ୍ରାୟ ୨୨ ହଜାର ୪୪୬ ରହିଛି । ଓଡ଼ିଶାରେ ଏହି ସଂଖ୍ୟା ୨ ହଜାରରୁ ଅଧିକ ହେବ ବୋଲି କୁହାଯାଇଛି । ପରିବେଶ ସନ୍ତୁଳନ ରକ୍ଷା କରିବାରେ ଏହି ବୃହଦାକାୟ ତୃଣଭୋଜୀ ପ୍ରାଣୀଙ୍କର ଅବଦାନ ଗୁରୁତ୍ୱପୂର୍ଣ୍ଣ ।

ଏହି ଦିବସ ପାଳନ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ହାତୀ ଭାରତର ପରିବେଶଗତ ଐତିହ୍ୟର ଏକ ଅବିଚ୍ଛେଦ୍ୟ ଅଂଶ । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି, ବିଶ୍ୱର ୬୦ ପ୍ରତିଶତରୁ ଅଧିକ ବନ୍ୟ ଏସୀୟ ହାତୀ ଭାରତରେ ଅଛନ୍ତି । ଦେଶରେ ୩୩ଟି ହାତୀ ସଂରକ୍ଷଣ ସ୍ଥାନ ରହିଛି ଏବଂ ସେମାନଙ୍କର ଦୀର୍ଘକାଳୀନ ସଂରକ୍ଷଣ ପାଇଁ ସରକାର ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ହାତୀ ସୁରକ୍ଷା କ୍ଷେତ୍ରରେ ବନ କର୍ମଚାରୀ,

ବୈଜ୍ଞାନିକ, ପଶୁଚିକିତ୍ସକ, ମାହୁନ୍ତ ଏବଂ ସ୍ଥାନୀୟ ସଂପ୍ରଦାୟଙ୍କ ଅବଦାନକୁ ଶ୍ରୀ ମୋଦୀ ଉଚ୍ଚ ପ୍ରଶଂସା କରିଛନ୍ତି ।

ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ରାଷ୍ଟ୍ରମନ୍ତ୍ରୀ କୀର୍ତ୍ତିବର୍ଦ୍ଧନ ସିଂ କହିଛନ୍ତି, ପରିବେଶଗତ ଐତିହ୍ୟରେ ହାତୀ ହେଉଛି ଏକ ଜୀବନ୍ତ ପ୍ରତୀକ । ଏସୀୟ ହାତୀଗୁଡ଼ିକ ଭାରତର ଧାର୍ମିକ ଏବଂ ସାଂସ୍କୃତିକ ଗୁରୁତ୍ୱ ବହନ କରନ୍ତି ବୋଲି ମନ୍ତ୍ରୀ ଶ୍ରୀ ସିଂ କହିଛନ୍ତି ।

## ଯୁବଦିବସ

ଯୁବବର୍ଗଙ୍କୁ ସୁସ୍ଥ, ସୁରକ୍ଷିତ ରଖିବା ସହ ସ୍ଥାୟୀ ଭବିଷ୍ୟତ ଗଠନ ପାଇଁ ସଚେତନ କରିବା ଉଦ୍ଦେଶ୍ୟରେ ଆଜି ଅନ୍ତର୍ଜାତୀୟ ଯୁବ ଦିବସ ପାଳନ କରାଯାଉଛି । ୧୯୯୯ ମସିହା ଡିସେମ୍ବର ୧୭ ତାରିଖରେ ମିଳିତ ଜାତିସଂଘର ସାଧାରଣ ପରିଷଦ ସଭାରେ ଏହି ଦିବସ ପାଳନ ନେଇ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ୨୦୦୦ ମସିହାରୁ ପ୍ରତ୍ୟେକ ବର୍ଷ ଏହି ଦିବସ ପାଳିତ ହୋଇଆସୁଛି । ସମାଜ ଗଠନରେ ଯୁବବର୍ଗଙ୍କ ଭୂମିକା ଏବଂ ଅବଦାନକୁ ଉତ୍ସାହିତ କରିବା ଏହି ଦିବସ ପାଳନର ମୂଳଲକ୍ଷ୍ୟ ।

## ପ୍ରଜ୍ଞାନାନନ୍ଦ-ଚେସ୍

ଭାରତୀୟ ଗ୍ରାଣ୍ଡ୍ ମାଷ୍ଟର ଆର୍. ପ୍ରଜ୍ଞାନାନନ୍ଦ ଆମେରିକାର ସେଣ୍ଟ୍ ଲୁଇସ୍‌ଠାରେ ଅନୁଷ୍ଠିତ ସିନ୍‌କ୍ୟୋ ଫିଲ୍‌ଡ କପ୍‌ର ଦ୍ୱିତୀୟ ରାଉଣ୍ଡ ମ୍ୟାଚ୍‌ରେ ଉଜ୍‌ବେକିସ୍ତାନର ଜାଭୋଖୀର୍ ସିନ୍ଦାରୋଭଙ୍କୁ ପରାସ୍ତ

କରିଛନ୍ତି । ଏହି ଟୁର୍ଣ୍ଣାମେଣ୍ଟରେ ଏହା ତାଙ୍କର ପ୍ରଥମ ବିଜୟ । ପ୍ରଜ୍ଞାନାନନ୍ଦ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଖେଳରେ ନିଜର ଆଧିପତ୍ୟ ବିସ୍ତାର କରିଥିଲେ । କୁଇନ୍ ପନ୍ ଓପନିଙ୍ଗ୍‌ରୁ ଆରମ୍ଭ ହୋଇଥିବା ଏହି ଖେଳର ଶେଷ ଭାଗରେ ସେ ଧୀରେ ଧୀରେ ନିଜର ସ୍ଥିତି ମଜଭୁତ କରି ବିଜୟ ଲାଭ କରିଛନ୍ତି ।

## ଡୁରାଣ୍ଡ କପ୍

ଇମ୍ଫାଲ୍‌ର ଖୁମାନ୍ ଲାମ୍ପାକ୍ ମେନ୍ ଷ୍ଟାଡିୟମ୍‌ଠାରେ ଆଜି ଅପରାହ୍ଣ ୪ଟାରେ ଗ୍ରୁପ୍-ଡି’ ମ୍ୟାଚ୍‌ରେ ନେରୋକା ଫୁଟବଲ୍ କ୍ଲବ୍ ଏବଂ ଫୁଟବଲ୍ କ୍ଲବ୍ ରେଙ୍ଗ୍‌ଡାଇ ମଧ୍ୟରେ ମୁକାବିଲା ହେବ । ସେହିପରି ଗ୍ରୁପ୍-ବି’ ମ୍ୟାଚ୍‌ରେ କୋଲକାତାର କିଶୋର ଭାରତୀ କ୍ରୀଡ଼ାଙ୍ଗନାଠାରେ ମହମ୍ମଦ ସ୍ପୋର୍ଟିଂ କ୍ଲବ୍ ଏବଂ ଇଣ୍ଡିଆନ୍ ଆର୍ମି ଫୁଟବଲ୍ ଟିମ୍ ମଧ୍ୟରେ ରାତି ୭ଟାରେ ଖେଳ ଅନୁଷ୍ଠିତ ହେବ ।

ଗତକାଲି ଗ୍ରୁପ୍-ଇ’ରେ ନଙ୍ଗଶେ ଏସ୍.ଏସ୍.ସି.ସି.’ ମୁମ୍ବାଇ ଫୁଟବଲ୍ କ୍ଲବ୍‌କୁ ୭-୦ରେ ପରାସ୍ତ କରି ବିଜୟୀ ହୋଇଥିଲା । ଏହି ମ୍ୟାଚ୍ ସିଲଂର ଜବାହାରଲାଲ୍ ନେହେରୁ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ହୋଇଥିଲା ।